## ସଂକ୍ଷେପରେ...

### ଗଜପତିରେ ପେଟ୍ରୋଲ ଡିଜେଲ ଅଭାବ

ପାରଳାଖେମୁଣ୍ଡି, ୨୨।୬(ଡି.ଏନ୍.ଏ.)- ଗଜପତି ଜିଲାର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଡିଜେଲର ଅଭାବ ପରିଲକ୍ଷିତ ହେଉଛି। ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ବ୍ୟତୀତ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ଗୁଡିକ ଦିନେ ଖୋଲିଲେ ଦୁଇ ଦିନ ବନ୍ଦ ରହୁଛି । ଜିଲା ସଦର ମହକୁମାଠାରେ ଥିବା ଏସାର ପେଟ୍ରୋଲ ପମ୍ପଠାରେ ଲଗାଦାର ୪ଦିନ ଧରି ବନ୍ଦ ରହିଥିବା ବେଳେ କାଶୀନଗର ବ୍ଲକର ଦେବଦଳାଠାରେ ଥିବା ପେଟ୍ରୋଲପମ୍ପ ବୁଧବାରରୁ ବନ୍ଦ ଥିବାର ଜଣାପଡିଛି। ସେହିପରି ହାଡୁଭାଙ୍ଗି ଗ୍ରାମଠାରେ ଥିବା ପେଟ୍ରୋଲ ପମ୍ପ ୨ଦିନ ଧରି ବନ୍ଦ ଥିବା ବେଳେ ଆଜି ପୁଣି ଖୋଲିଥିବାର ଦେଖିବାକୁ ମିଳିଛି । ଏପରି ଭାବେ ବିଭିନ୍ନ ସ୍ଥାନରେ ଥିବା ପେଟ୍ରୋଲପମ୍ପ ଗୁଡିକ ଦିନେ ଖୋଲିଲେ ଦୁଇ ଦିନ ବନ୍ଦ ହୋଇପଡୁଛି । ଫଳରେ ଉପଭକ୍ତା ତଥା ଯାତ୍ରୀବାହୀ ଗାଡିଗୁଡିକ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବାର ଦେଖାଦେଇଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ମୁହଁ ଖୋଲୁନଥିବା ବେଳେ ପେଟ୍ରୋଲ ପମ୍ପ ମାଲିକମାନେ କୌଣସି ସ୍ପଷ୍ଟ ଉତ୍ତର ରଖୁନାହାନ୍ତି। ତେଣୁ ଏହାର ପ୍ରତିକାର ପାଇଁ ସରକାର ତଥା ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଲୋଡିଛନ୍ତି ନିର୍ଭରକାରୀମାନେ।

### ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୩ ଅସୁସ୍ଥ

ମାଲକାନଗିରି,୨୨।୬(ଡି.ଏନ.ଏ.): ମାଲକାନଗିରି ଜିଲା ପାଣ୍ଡ୍ରିପାଣି ଗ୍ରାମରେ ବୁଧବାର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୩ଜଣ ଅସୁସ୍ଥ ହୋଇପଡିଛନ୍ତି। ସମ୍ପୃକ୍ତ ପରିବାର ନିଜ ଘର ନିକଟରେ ହୋଇଥିବା କିଛି ଛତୁ ସଂଗ୍ରହ କରି ତାହାକୁ ରାନ୍ଧି ଖାଇଥିଲେ। ଏହା ଖାଇବାର କିଛି ସମୟ ପରେ ସେମାନେ ଅସୁସ୍ଥ ଅନୁଭବ କରିଥିଲେ। ଶରୀର ଅଧିକ ଖରାପ ଲାଗିବାରୁ ସମସ୍ତେ ପାଣ୍ଡ୍ରିପାଣି ଚିକିତ୍ସାଳୟକୁ ଯାଇ ସେଠାରେ ଚିକିତ୍ସିତ ହୋଇଛନ୍ତି। ସେମାନଙ୍କୁ ଅଧିକ ଚିକିତ୍ସା ଲାଗି ଡାକ୍ତର ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ବିଷାକ୍ତ ଖାଦ୍ୟ ଖାଇ ସେମାନଙ୍କର ଏପରି ହୋଇଛି।

### ନିର୍ଦ୍ୱନ୍ଦ୍ୱରେ ଜିଲା ଯୋଜନା କମିଟିର ୧୬ ସଦସ୍ୟ ନିର୍ବାଚିତ

କୋରାପୁଟ,୨୨।୬(ସ୍ୱ.ପ୍ର.): କୋରାପୁଟ ଜିଲା ଯୋଜନା କମିଟିର ସମସ୍ତ ୧୬ ଜଣ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏନେଇ ବୁଧବାର ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ସୂଚନା ଦେଇଛନ୍ତି। ୧୬ଟି ପଦବୀ ନିମନ୍ତେ ୧୬ ଜଣ ଗତ ୧୬ ତାରିଖରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏଥିରେ ଜିଲା ପରିଷଦରୁ ୧୩ ଜଣ ସଦସ୍ୟ ଥିବା ବେଳେ ୩ ଜଣ କାଉନସିଲର ସଦସ୍ୟ ରହିଛନ୍ତି।

### ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଜୟପୁର,୨୨।୬ (ନି.ପ୍ର.): ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ହାଟପଦା ନିକଟରେ ବୁଧବାର ଏକ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ମିଟୁ ପରଜା (୬୬) । ସେ ରାସ୍ତାରେ ଯାଉଥିବା ବେଳେ ଏକ ଧାନ ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କୋରାପୁଟସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଟାଟା କମ୍ପାନୀ ସିକ୍ୟୁରିଟି ଅଫିସରଙ୍କ ନାଁରେ ୨ ଏତଲା

## ନିଯୁକ୍ତି ଦାବି ନେଇ ଆନ୍ଦୋଳନ ତେଜିଲା

ଛତ୍ରପୁର,୨୨।୬(ଡି.ଏନ.ଏ.)

ଛତ୍ରପୁର ବ୍ଲକ କାଳିପଲ୍ଲୀ ନିକଟରେ ଟାଟା କମ୍ପାନୀ ଅଧିକୃତ ଜମିରେ ପ୍ରକଳ୍ପକୁ ସ୍ଥାନୀୟ ଲୋକଙ୍କ ବିରୋଧ ଜାରି ରହିଛି । ଆନ୍ଦୋଳନ ଯୋଗୁ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି । ଅନ୍ୟପକ୍ଷରେ ପୂର୍ବତନ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତ୍ରିପାକ୍ଷିକ ଆଲୋଚନା ବୈଠକରୁ କୌଣସି ନିଷ୍କର୍ଷ ବାହାରି ନ ଥିବାରୁ ଆନ୍ଦୋଳନ ଆହୁରି ତୀବ୍ର ହୋଇଛି । ତେଣୁ ପ୍ରକଳ୍ପ ନିର୍ମାଣ ସ୍ଥଳରେ କାଳିପଲ୍ଲୀ ଗ୍ରାମବାସୀଙ୍କ ଆନ୍ଦୋଳନ ଜାରି ରହିଛି । ସ୍ଥାନୀୟ ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ଗ୍ରାମବାସୀ କହିଛନ୍ତି। ଦୁଇ ଦିନ ମଧ୍ୟରେ ଉକ୍ତ ଗାଁରେ ଛତ୍ରପୁର ଉପଜିଲାପାଳ ଓ ଏସଡିପିଓଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ବୈଠକ ହେବ ଏବଂ ଖୁବଶୀଘ୍ର ଏହା ସମାଧାନ ହେବ ବୋଲି ଜିଲାପାଳଙ୍କ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା । ମାତ୍ର ତତ୍କାଳୀନ ଜିଲାପାଳଙ୍କ ବଦଳି ପରେ ଏସବୁ କିଛି କାର୍ଯ୍ୟକାରୀ ହୋଇନି। ପୋଲିସ ଓ ପ୍ରଶାସନିକ ଅଧିକାରୀ ନିରବ ବସିଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନ ଲାଗି ଟାଟା ଷ୍ଟିଲ ସେଜ୍‌ର ସିକ୍ୟୁରିଟି ଅଫିସରଙ୍କ ପକ୍ଷରୁ କାଳିପଲ୍ଲୀ ଗାଁର ୮୦ ଜଣ ଏବଂ ୧୩ ତାରିଖରେ ୪୫୦ ଜଣଙ୍କ ନାଁରେ ଏତଲା ଦିଆଯାଇଥିଲା । ଏହା ଜାଣିବା ପରେ ମଙ୍ଗଳବାର ରାତିରେ ଗାଁରେ ଏକ ବୈଠକ ବସି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବୁଧବାର ଗ୍ରାମବାସୀ ଚମାଖଣ୍ଡି ଥାନାକୁ ଆସି ଟାଟା କମ୍ପାନୀ ବିରୋଧରେ ନାରାବାଜି କରିଥିଲେ । ଏଥିସହ ଟାଟା କମ୍ପାନୀ ସେଜ୍‌ର ସିକ୍ୟୁରିଟି ଅଫିସରଙ୍କ ନାଁରେ ଗାଁର ମୁରଲୀ ସାହୁ ଓ ଏସ୍.ଗଣେଶ ପାତ୍ରଙ୍କ ପକ୍ଷରୁ ଗୋଟିଏ ଏତଲା ଦିଆଯାଇଛି। ସେହିପରି ଅନ୍ୟ ଏକ ଏତଲା ପରମେଶ୍ୱର ସେଠୀ ଜାତିଆଣ ଆକ୍ଷେପକୁ ନେଇ ଟାଟା ଷ୍ଟିଲ ସେଜ୍‌ର ସିକ୍ୟୁରିଟି ଅଫିସର ଆଶୋକ କୁମାର ରାୟଙ୍କ ନାଁରେ ଏତଲା ଦେଇଛନ୍ତି। ସୂଚନାଯୋଗ୍ୟ, ଟାଟା କମ୍ପାନୀ ଇସ୍ପାତ କାରଖାନା ପାଇଁ କାଳିପଲ୍ଲୀ ଏବଂ ନିକଟସ୍ଥ ଅଞ୍ଚଳରେ ୧୯୯୬ରେ ଜମି ଅଧିଗ୍ରହଣ ହୋଇଥିଲା । ଦୀର୍ଘ ୨୫ ବର୍ଷ ପରେ ମଧ୍ୟ କମ୍ପାନୀ ପକ୍ଷରୁ ଜମି ହରାଇଥିବା ପରିବାରର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏବେ କାଳିପଲ୍ଲୀ ନିକଟ ଉକ୍ତ ଜମିରେ ଟାଟା କମ୍ପାନୀ ଠାରୁ ଲିଜ୍ ନେଇ ଦୀପକ ଫର୍ଟିଲାଇଜର କମ୍ପାନୀ ସ୍ଥାପନ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଥିଲା । ଏହି କାମକୁ ସ୍ଥାନୀୟ ଶତାଧିକ ଲୋକେ ବିରୋଧ କରିବା ସହ ନିଯୁକ୍ତି ଦାବିରେ ଆନ୍ଦୋଳନରେ ବସଛନ୍ତି।

# କନ୍ଧମାଳର ନୂତନ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ



ନୂତନ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ।

ଫୁଲବାଣୀ ଅଫିସ, ୨୨।୬

କନ୍ଧମାଳ ଜିଲାର ନୂତନ ଜିଲାପାଳ ଭାବେ ଆଶିଷ ଈଶ୍ୱର ପାଟିଲ ବିଦାୟୀ ଜିଲାପାଳ ଡା.ବୃନ୍ଦା ଡିଙ୍କଠାରୁ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପୂର୍ବରୁ ପାଟିଲ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଯାଇଥିଲେ । ସେଠାରୁ ଆସି ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପାଟିଲଙ୍କ ଜନ୍ମସ୍ଥାନ ମହାରାଷ୍ଟ୍ରରେ । ନିଜର କର୍ମସ୍ଥଳୀ ଓଡିଶାକୁ ଦ୍ୱିତୀୟ ଘର ବୋଲି ସେ କହିଛନ୍ତି। ଓଡିଶାର ସଂସ୍କୃତି ପରମ୍ପରା ତାଙ୍କୁ ବେଶ ଆକୃଷ୍ଟ କରିଛି । ଜିଲାବାସୀଙ୍କ ସମସ୍ୟା ପ୍ରତି ଅଗ୍ରାଧିକାର, ଜିଲାର ସର୍ବାଙ୍ଗୀନ ଉନ୍ନତି ଏବଂ ଆଦିବାସୀଙ୍କ ଜୀବନ ଜୀବିକା ଉପରେ ଗୁରୁତ୍ୱ ଦେବେ ବୋଲି ପାଟିଲ ଏହି ଅବସରରେ ପ୍ରକାଶ କରିଛନ୍ତି।

# ୨୮ ପାନ ଦୋକାନରୁ ଜରିମାନା ଆଦାୟ



ଯାଞ୍ଚ ପାଇଁ ଆସିଥିବା ସ୍ପେଶାଲ ସ୍କ୍ୱାଡ।

## ଗୁଟ୍‌ଖା, ସିଗାରେଟ୍ ବିକ୍ରି

ଛତ୍ରପୁର,୨୨।୬(ଡି.ଏନ.ଏ)

ଛତ୍ରପୁର ସହର ଓ ବାଇପାସ୍ ଅଞ୍ଚଳରେ ଥିବା ସମସ୍ତ ପାନଦେକାନରେ ମଙ୍ଗଳବାର ଏକ ସ୍ପେଶାଲ ସ୍କ୍ୱାର୍ଡ ଚଡାଉ କରି ଯାଞ୍ଚ କରିଥିଲା। ସେଥିରୁ ୨୮ ପାନ ଦୋକାନରେ ଗୁଟଖା, ବିଡି, ସିଗାରେଟ୍, ଖଇନି ଆଦି ବିକ୍ରି ହେଉଥିବା ଯାଞ୍ଚ ବେଳେ ଜଣାପଡ଼ିଥିଲା। ଉକ୍ତ ଦୋକାନୀମାନଙ୍କ ଠାରୁ ୫ ହଜାର ୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ସର୍ବସାଧାରଣ ସ୍ଥାନରେ ଗୁଟଖା, ବିଡି, ସିଗାରେଟ୍, ନାସ, ଖଇନି ଆଦି ବିକ୍ରି ନ କରିବାକୁ ତାଗିଦ୍ କରାଯାଇଥିଲା । ବ୍ରହ୍ମପୁର ସିଡିଏମଓ ଅଫିସର ଖାଦ୍ୟ ସୁରକ୍ଷା ଅଧିକାରୀ ଚିନ୍ମୟ ପାଢୀଙ୍କ ନେତୃତ୍ୱରେ ଏକ ସ୍କ୍ୱାର୍ଡ ଟିମ୍ ଏହି ଚଢାଉ କରିଥିଲେ। ଛତ୍ରପୁର ପୋଲିସ ଫୋର୍ସ ସହାୟତା କରିଥିଲେ। ବିଶେଷକରି ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ବସଷ୍ଟାଣ୍ଡ ଆଦି ସର୍ବସାଧାରଣ ସ୍ଥାନରେ ଏପରି ଯାଞ୍ଚ କରାଯାଉଛି । କେହି ଏହି ନିଷେଧ ସାମଗ୍ରୀ ବିକ୍ରି କରୁଥିଲେ ତାଙ୍କଠାରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବା ନିୟମ ରହିଥିବା ସୂଚନା ଦିଆଯାଇଛି ।

# ପ୍ରେମିକାଙ୍କୁ ଧୋକା ଦେଇ ନବବିବାହିତ ପ୍ରେମିକ ଗିରଫ

ଫୁଲବାଣୀ ଅଫିସ, ୨୨।୬

ଜଣେ ଯୁବତୀଙ୍କୁ ପ୍ରେମ କରି ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ସମ୍ପର୍କ ରଖିବା ଏବଂ ପରେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବା ପ୍ରେମିକଙ୍କ ପାଇଁ ମହଙ୍ଗା ପଡିଛି । ପ୍ରେମିକାଙ୍କ ଅଭିଯୋଗକ୍ରମେ ଫୁଲବାଣୀ ଟାଉନ ଥାନା ପୋଲିସ ସମ୍ପୃକ୍ତ ନବବିବାହିତ ପ୍ରେମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରେମିକ ଜଣକ ହେଲେ ସୁଡ୍ରୁକୁମ୍ପା ଅଞ୍ଚଳର ସମୀର କର । ସୂଚନା ଅନୁସାରେ, ସ୍ଥାନୀୟ ପିଅନପଡା ଭଞ୍ଜସାହିର ଜଣେ ୨୫ ବର୍ଷୀୟ ଯୁବତୀଙ୍କୁ ସମୀର ୫ ବର୍ଷ ଧରି ଭଲପାଉଥିଲେ। ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ । ମାତ୍ର ଗତ ୧୮ ତାରିଖରେ ଦୃତିପଡ଼ାର ଅନ୍ୟ ଜଣଙ୍କୁ ସମୀର ବିବାହ କରିଥିଲେ। ଯୁବତୀଙ୍କ ଅଭିଯୋଗ କ୍ରମେ ନଂ.୯୭/୨୨ ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

# ଉତ୍କଳ ସମ୍ମିଳନୀ ଜିଲା ଶାଖା ବୈଠକ



ମଞ୍ଚାସୀନ ଅତିଥି ।

ପାରଳାଖେମୁଣ୍ଡି,୨୨।୬(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରର ଭଣ୍ଡାରି ସାହିଠାରେ ଥିବା ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ କାର୍ଯ୍ୟକାରୀ ସଭାପତି ଭାରତ ଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉତ୍କଳ ସମ୍ମିଳନୀ ଗଜପତି ଜିଲା ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସ୍ତରୀୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମିଳନୀର ଜିଲା ସମ୍ପାଦକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ଯିଏକି ଗତ ୧୯ରେ ଭୁବନେଶ୍ୱରରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଏକାଦଶତମ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିଲେ। ଉକ୍ତ ବୈଠକକୁ ନେଇ ଆଲୋଚିତ ପ୍ରସଙ୍ଗ ଉପରେ ସୂଚନା ପ୍ରଦାନ କରିଥିଲେ । ଆଗାମୀ ଜୁଲାଇ ୧୬ ଓ ୧୭ ଦୁଇଦିନ ବ୍ୟାପୀ ବାଲେଶ୍ୱର ଜିଲା ଭୋଗରାଇଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ମିଳନୀରେ ବିନୋଦ ଚନ୍ଦ୍ର ଜେନା, ଭରତ ଭୂଷଣ ମହାନ୍ତି, ହରିମୋହନ ପଟ୍ଟନାୟକ, ଦୁର୍ଗାମାଧବ ପଣ୍ଡା, ଆଶାଲତା ପାଣିଗ୍ରାହୀ, ଅନାଦି ପାଣିଗ୍ରାହୀ, ଲିଙ୍ଗରାଜ ଦାସ, ତିରୁପତି ପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକ ଶେଷରେ ବିଷ୍ଣୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବା, ମାଛ ମାର୍କେଟ ଗୃହ ନିର୍ମାଣ ଦାବି

କାଶୀନଗର,୨୨।୬

କାଶୀନଗରରେ ପରିବା ଓ ମାଛ ବଜାର ନିମନ୍ତେ ଗୃହ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏନ୍ଏସି କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏନଏସିର ବସଷ୍ଟାଣ୍ଡଠାରେ ପରିବା ବ୍ୟବସାୟୀମାନେ ପରିବା ବିକ୍ରି କରୁଥିଲେ। କରୋନା ସମୟରେ ପରିବା ଦୋକାନୀଙ୍କୁ ବଂଶଧାରା ନଦୀତଟରେ ଅସ୍ଥାୟୀ ସେଡ୍ କରି ପରିବା ବିକ୍ରି ନିମନ୍ତେ ଏକ ବଜାର କରାଗଲା। ଏହି ଅସ୍ଥାୟୀ ବଜାରରେ ପାଲ ଟାଣି ବ୍ୟବସାୟ ଚାଲିଲା। ପରେ ବର୍ଷାପବନରେ ପାଲ ଉଡ଼ିଯାଇ ଓ ଅସ୍ଥାୟୀ ସେଡ୍ ଭାଙ୍ଗିଯାଇଛି। ଫଳରେ ଖୋଲା ଆକାଶ ତଳେ ବ୍ୟବସାୟୀମାନେ ବସି ଖରା, ବର୍ଷାରେ ପରିବା ବିକ୍ରି କରୁଛନ୍ତି। ସେଠାରେ ପରିବା ରଖିବା ପାଇଁ କୌଣସି ବ୍ୟବସ୍ଥା ମଧ୍ୟ ନାହିଁ। ଦୋକାନ ଗୃହ ନିମନ୍ତେ ଫାଉଣ୍ଡେସନ ପଡ଼ି ବର୍ଷାଧିକ କାଳ ଅତିକ୍ରମ କଲାଣି କିନ୍ତୁ ବଜାର ପ୍ରାଙ୍ଗଣ ହୋଇପାରିନାହିଁ। ଯଦ୍ଦ୍ୱାରା ଗରିବ ଦୋକାନୀମାନେ ନାହିଁନଥିବା ଅସୁବିଧା ଭୋଗୁଥିବା ବେଳେ ଏନଏସି କର୍ତ୍ତୃପକ୍ଷ ଦୈନିକ ବଜାର ଟ୍ୟାକ୍ସ ଆଦାୟରେ ବ୍ୟସ୍ତ ରହୁଛନ୍ତି। ସେହିପରି ମାଛ ବଜାର ମଧ୍ୟ ନାହିଁ। ମାଛ ବ୍ୟବସାୟୀମାନେ ଏଣେତେଣେ ବସି ବ୍ୟବସାୟ କରୁଛନ୍ତି। ମାଛ ବିକ୍ରି ପରେ ଅବଶିଷ୍ଟ ଅଳିଆ ପଡ଼ି ଦୁର୍ଗନ୍ଧ କରୁଛନ୍ତି। ଏନଏସି କର୍ତ୍ତୃପକ୍ଷ ତୁରନ୍ତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ମାଙ୍କଡ଼ା ବୋଝେଇ ଟ୍ରକ୍ ଓ ଟ୍ରାକ୍ଟର ଜବତ

ବୁଗୁଡ଼ା,୨୨।୬(ଡି.ଏନ.ଏ.)

ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ବୁଗୁଡ଼ା ତହସିଲ ପ୍ରଶାସନ ପକ୍ଷରୁ ଚଡ଼ାଉ କରାଯାଇ ବୁଧବାର ସକାଳେ ଗୋଟିଏ ମାଙ୍କଡା ପଥର ବୋଝେଇ ଟ୍ରକ ଓ ଗୋଟିଏ ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି। ତହସିଲଦାର ସଂଗ୍ରାମ କେଶରୀ ଜେନା ମୋଟାବାଡିଠାରେ ଉଭୟ ଗାଡିକୁ ଜବତ କରି ମାଙ୍କଡା ବୋଝେଇ ଟ୍ରକରୁ ୨୫ ହଜାର ୪୨୦ ଓ ପଥର ବୋଝେଇ ଟ୍ରାକ୍ଟରରୁ ୨୦ ହଜାର ୪୨୦ ଏହିପରି ମୋଟ ୪୫ ହଜାର ୮୪୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଶ୍ରମିକମାରଣ ନୀତିକୁ କଡ଼ା ସମାଲୋଚନା

ଛତ୍ରପୁର,୨୨।୬(ଡି.ଏନ.ଏ.)




ଉଦ୍‌ବୋଧନ ଦେଉଛନ୍ତି।

ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଏଆଇଟିୟୁସି ସହବନ୍ଧିତ ଓଡ଼ିଶା ଫରେଷ୍ଟଉଡ, ଏଗ୍ରିକଲ୍ଚର ଆଣ୍ଡ ବିଲ୍ଡିଂ କନଷ୍ଟ୍ରକସନ ୱାର୍କର୍ସ ୟୁନିୟନ ଗଞ୍ଜାମ ଜିଲା କମିଟିର ଚତୁର୍ଥ ଜିଲା ସମ୍ମିଳନୀ ସଭାପତି ପ୍ରବୀଣ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ସୁର ଜେନା, ସାଧାରଣ ସମ୍ପାଦକ ବିଜୟ ଜେନା, ଏଆଇଟିୟୁସି ଜିଲା ନେତା ନୀଳକଣ୍ଠ ଦାଶ, ସିପିଆଇ ଛତ୍ରପୁର ଜୋନାଲ ସମ୍ପାଦକ ଏସ. କ୍ରିଷ୍ଣା ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଆଶାକର୍ମୀ ନେତ୍ରୀ ରେଣୁବାଳା ସାହୁ, ଅଙ୍ଗନୱାଡ଼ି କର୍ମୀ ନେତ୍ରୀ ବାସନ୍ତୀ ସାହୁଙ୍କ ସମେତ ବହୁ ଶ୍ରମିକ ନେତାମାନେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ। ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ନାର୍ଯ୍ୟ ଦାବି ସମ୍ପର୍କରେ ଆଲୋଚନା କରାଯିବା ସହ ୟୁନିୟନର ବିଭିନ୍ନ ସାଂଗଠନିକ କାର୍ଯ୍ୟ ସମ୍ବନ୍ଧରେ କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ନିମନ୍ତେ ୟୁନିୟନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ୟୁନିୟନର ଜିଲା ସଭାପତି ଭାବେ ଶ୍ରମିକ ନେତା ପ୍ରବୀଣ ଦାଶଙ୍କୁ ମନୋନୀତ କରାଯାଇଥିବା ବେଳେ ସନ୍ତୋଷ କୁମାର ଦାଶ ସମ୍ପାଦକ, ମହେନ୍ଦ୍ର ସେଠୀ ଉପସଭାପତି, ସୁନିଲ ବେହେରାଙ୍କୁ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଶେଷରେ ନୂତନ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଏଆଇଟିୟୁସି ନେତା ନୀଳକଣ୍ଠ ଦାଶ, ସନ୍ନ୍ୟାସୀ ପ୍ରଧାନ, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ନବୀନ ଚନ୍ଦ୍ର ଗୌଡ,ଜୟଶ୍ରୀ କେମିକାଲ ଏମ୍ପଇଜ ୟୁନିୟନର ସାଧାରଣ ସମ୍ପାଦକ ସୀମାଞ୍ଚଳ ପଲାଇଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଡାକ କର୍ମଚାରୀଙ୍କ ବିକ୍ଷୋଭ




ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡାକ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଆସିକା,୨୨।୬(ଡି.ଏନ.ଏ.)

କେନ୍ଦ୍ର ସରକାର ଡାକ ବିଭାଗକୁ ମଧ୍ୟ ଘରୋଇକରଣ ଲାଗି ଉଦ୍ୟମ କରିଥିବା ଅଭିଯୋଗ କରି ଏହା ପ୍ରତିବାଦରେ ବୁଧବାର ମଧ୍ୟାହ୍ନ ବିରତି ସମୟରେ ଡାକ କର୍ମଚାରୀମାନେ ଆସିକା ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ସରକାର ତୁରନ୍ତ ଏଭଳି ଜନବିରୋଧୀ ଯୋଜନାକୁ ବନ୍ଦ ନ କଲେ ଡାକ କର୍ମଚାରୀମାନେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଥିଲା। ଦୀର୍ଘ ଦିନ ଧରି ଚାଲିଥିବା ଡାକ ସଞ୍ଚୟ ବ୍ୟାଙ୍କକୁ ପେମେଣ୍ଟ ବ୍ୟାଙ୍କ ଲିମିଟେଡ ସହ ମିଶ୍ରଣ ଲାଗି ଆଦେଶ, ଡାକମିତ୍ର ଯୋଜନା ପ୍ରଚଳନ କରି ସ୍ପିଡପୋଷ୍ଟ, ରେଜିଷ୍ଟ୍ରି ଇତ୍ୟାଦି ସେବାକୁ ଗ୍ରାମୀଣ ଉଦ୍ୟୋଗିକ ଜରିଆରେ ଯୋଗାଇବା ଲାଗି ପଦକ୍ଷେପର ନିନ୍ଦା କରାଯିବା ସହ ଡାକଘର ସଙ୍କୋଚନ ଲାଗି ସରକାରଙ୍କ ଏହା ହୀନ ଉଦ୍ୟମ ବୋଲି ଅଭିଯୋଗ କରାଯାଇଥିଲା । ଡାକ ସଞ୍ଚୟ ବ୍ୟାଙ୍କକୁ ଅନ୍ୟ ସଂସ୍ଥା ସହ ମିଶ୍ରଣ କରାଗଲେ ଜମାକାରୀମାନେ ପାଉଥିବା ସୁଧ ହାର ୪ ପ୍ରତିଶତରୁ ୨ ପ୍ରତିଶତକୁ ହ୍ରାସ ଘଟିବ ଏବଂ ପେମେଣ୍ଟ ବ୍ୟାଙ୍କ ଦେବାଳିଆ ଘୋଷିତ ହେଲେ ଜମାକାରୀ କେବଳ ଏକ ନିର୍ଦ୍ଦିଷ୍ଟ ଅର୍ଥ ଫେରି ପାଇବା ସହ ଅନ୍ୟ ଜମା ଟଙ୍କା ଫେରାଇବାର ଆଶଙ୍କା କରାଯାଇଥିଲା । ଜନସାଧାରଣ କେନ୍ଦ୍ର ସରକାରଙ୍କ ଏଭଳି ଘରୋଇ କରଣ ନିତିର ତୀବ୍ର ପ୍ରତିବାଦ ଲାଗି ଆଗେଇ ଆସିବା ଲାଗି ଆହ୍ୱାନ ଦିଆଯାଇଥିଲା । ମିଳିତ ଡାକ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ବସନ୍ତ କୁମାର ପାଠୀ ଓ ଜିତେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଡାକ ବିଭାଗର କର୍ମଚାରୀ ଏହି ବିକ୍ଷୋଭରେ ସାମିଲ ଥିଲେ ।

# ବିକାଶ ଅପେକ୍ଷାରେ ମାନ୍ଦ୍ରାବାଜୁ ଗାଁ

ଆର.ଉଦୟଗିରି,୨୨।୬(ଡି.ଏନ.ଏ.)



ମାନ୍ଦ୍ରାବାଜୁ ଗାଁ

ମୋହନା ବ୍ଲକ ରାଇପଙ୍କା ପଞ୍ଚାୟତ ମାନ୍ଦ୍ରାବାଜୁ ଗ୍ରାମରେ ବିକାଶ ଅପହଞ୍ଚ। ଏବେ ବି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଗ୍ରାମବାସୀ ବଞ୍ଚିତ ହେଉଛନ୍ତି। କେବଳ ରାସ୍ତା ନିର୍ମାଣକୁ ବାଦ ଦେଲେ ଅନ୍ୟ କୌଣସି ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିନାହିଁ।

ମାନ୍ଦ୍ରାବାଜୁ ଗ୍ରାମରେ ପ୍ରାୟ ୮୦ ପରିବାର ବସବାସ କରନ୍ତି। ମୋଟ ୫୦୦ ଲୋକଙ୍କ ମଧ୍ୟରୁ ମାତ୍ର ୧୨ ଜଣ ଅର୍ଥାତ୍ ପରିବାରକୁ ମିଳିଛି ସରକାରୀ ସହାୟତା। ଅନ୍ୟମାନଙ୍କ ପାଇଁ ଏଠି ସରକାରୀ ଯୋଜନା ସାତ ସପନ ପାଲଟିଛି। ସ୍ୱାସ୍ଥ୍ୟସେବା ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ଦେହ ଖରାପ ହେଲେ ରାଇପଙ୍କା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି। ସେଠାରେ ବି ନିୟମିତ ଡାକ୍ତର ରହୁ ନ ଥିବାରୁ ବାଧ ହୋଇ ୨୫ କି.ମି. ଦୂର ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ଗ୍ରାମବାସୀ। ଗାଁରେ ରାସ୍ତାଘାଟର ଉନ୍ନତି କିମ୍ବା ଅନ୍ୟ କୌଣସି ଉନ୍ନୟନମୂଳକ କାମ ହୋଇପାରିନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗଜପତି ଜିଲାରେ ପ୍ରାୟ ଦୁଇ ଦଶନ୍ଧି ଧରି ଲାଗି ରହିଥିବା ମାଓବାଦୀ ସମସ୍ୟାର ଉତ୍ପତ୍ତି ଏହି ଗାଁରୁ ହୋଇଥିବା କୁହାଯାଏ । କାରଣ ଆଦିବାସୀ ଏବଂ ଅଣଆଦିବାସୀଙ୍କ ମଧ୍ୟରେ ଲାଗି ରହିଥିବା ଜମି ବିବାଦକୁ କେନ୍ଦ୍ର କରି ୧୯୯୯ ମସିହା ଡିସେମ୍ବର ୩୦ ତାରିଖରେ ପୋଲିସ ଦ୍ୱାରା କିଛି ଆଦିବାସୀ ନିହତ ହୋଇଥିଲେ। ସେବେଠାରୁ ଏହି ଗାଁ ମାଓବାଦୀଙ୍କ ଉତ୍ପତ୍ତି ସ୍ଥଳ ଭାବେ ବିବେଚିତ ହୋଇଗଲା। ମାଓବାଦୀଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ପରିଚିତ ଜିଲାର ଅନେକ ଦୁର୍ଗମ ଅଞ୍ଚଳରେ ଏବେ ବି ସରକାରୀ ଯୋଜନା ଅପହଞ୍ଚ। ଅନ୍ୟପକ୍ଷରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି, ଏହି ଗ୍ରାମର ଲୋକଙ୍କୁ ଟର୍କିଆ ଚାଉଳଠୁ ଆରମ୍ଭ କରି ରାସ୍ତା, ଭତ୍ତା ଯୋଗାଇ ଦିଆଯାଉଛି। ଅନ୍ୟ ଯୋଜନାଗୁଡ଼ିକୁ ଖୁବଶୀଘ୍ର ପହଞ୍ଚାଇବା ପାଇଁ ସରକାର ପଦକ୍ଷେପ ନେଉଥିବା ସୂଚନା ମିଳିଛି। ମାଓବାଦୀ ପ୍ରବଣ ଅଞ୍ଚଳର ଉନ୍ନତି କରି ସରକାରୀ ବିରୋଧୀ ମନୋଭାବରୁ ଦୂରେଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ବିକାଶ ଅଧୁରା ରହିଛି ।

